# ମା' ଦୁର୍ଗତିନାଶିନୀଙ୍କୁ ଆବାହନ

କେନ୍ଦୁଝର,୧୦।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରରେ ବିଭିନ୍ନ କମିଟି ପକ୍ଷରୁ ମା' ଦୁର୍ଗତିନାଶିନୀ ଦୁର୍ଗାଙ୍କୁ ଆବାହନ କରାଯାଉଛି। ଗୁରୁବାର ମହା ସପ୍ତମୀ ପୂଜା ଧୁମଧାମରେ ପାଳନ କରାଯାଉଛି। ଏହି ଅବସରରେ ସହର ଉତ୍ସବ ମୁଖର ହୋଇପଡ଼ିଛି। ସବୁଆଡ଼େ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସୁଛି। ସ୍ୱଚ୍ଛ ତୋରଣ ଆକର୍ଷର କେନ୍ଦ୍ର ହୋଇଥିବା ବେଳେ ଲୋକେ ବୁଲି ମା'ଙ୍କ ଆଶୀର୍ବାଦ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି।

ମଣ୍ଡୁଆଠାରେ ନୂତନ ଭାବେ ଆରମ୍ଭ ହୋଇଥିବା ଦୁର୍ଗାପୂଜା ଅନୁଷ୍ଠାନ ଦୁର୍ଗତିନାଶିନୀ ପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ବୁଧବାର ବେଲବରଣ ହୋଇଥିବା ବେଳେ ଗୁରୁବାର ସକାଳୁ ସ୍ଥାନୀୟ ଅରଡେଇ ନଦୀକୂଳରେ ପୂଜା କରାଯାଇ ଏକ ଶୋଭାଯାତ୍ରାରେ କଳସ ପୂଜା ମଣ୍ଡପକୁ ଅଣାଯାଇଥିଲା। ଶୋଭାଯାତ୍ରାରେ ସ୍ଥାନୀୟ ମଣ୍ଡୁଆସ୍ଥିତ ଅରଡେଇ ନିକଟକୁ ଯାଇଥିଲେ। ପୂଜା ପାଇଁ ମୁଖ୍ୟକର୍ତ୍ତା ପ୍ରସନ୍ନ ସାହୁ ସ୍ତ୍ରୀଙ୍କ ସହ ମୁଖ୍ୟ କଳସ ନେଇ ସମସ୍ତ କର୍ମକର୍ତ୍ତାଙ୍କ ସହ ପୂଜା ମଣ୍ଡପରେ ପହଞ୍ଚିଥିଲେ। ଏହି ଅବସରରେ ସକାଳୁ ବିଶିଷ୍ଟ ଚଣ୍ଡୀ ସାଧକ ଶକ୍ତିଧର ମିଶ୍ର ଓ ତାଙ୍କ ସହଯୋଗୀ ବ୍ରହ୍ମାନନ୍ଦ ମିଶ୍ର, ଗଣନାଥ କର, ଧିର କରଙ୍କ ତତ୍ତ୍ୱାବଧାନରେ କମିଟିର କର୍ମକର୍ତ୍ତା ଘଟ ସ୍ଥାପନ ପୂର୍ବକ ହୋମାଦି ପୂଜାକର୍ମ ସମାପନ କରିଥିଲେ। ପରେ ମା'ଙ୍କ ନେତ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। କମିଟି ପକ୍ଷରୁ ସ୍ୱଚ୍ଛତା ଓ ପ୍ଲାଷ୍ଟିକ ମୁକ୍ତ ପୂଜା ଅନୁଷ୍ଠିତ କରିବା ପାଇଁ ଧ୍ୟାନ ଦିଆଯାଇଛି। କମିଟିର ସଭାପତି ଅମରେନ୍ଦ୍ର ସାହୁ, ସମ୍ପାଦକ ଦୀପକ ମହାନ୍ତି, ପ୍ରଫୁଲ୍ଲ ମହାନ୍ତି, ଦିନବନ୍ଧୁ ବେହେରା, ସୁରେନ୍ଦ୍ର ରଥ, ଗିରିଶ ପ୍ରଧାନ, ଆଦିତ୍ୟ ବାରିକ, ଦେବାଶିଷ ଜିତ୍, ସତ୍ୟବ୍ରତ ବଳ, ମହେନ୍ଦ୍ର ନାଏକ, ଜିତେନ୍ଦ୍ର ଶତପଥି, ସୁଧାଂଶୁ ଶେଖର ମହାକୁଳ, ସୁଶାନ୍ତ ମହାନ୍ତି, ଶୁଭସଙ୍କେତ ପାଢ଼ୀ, ସୌମ୍ୟ ପ୍ରକାଶ ରଣା, ଅଜୟ ଜେନା, ଗୌତମ ସିଦ୍ଧାର୍ଥ ସେଠୀ, ତପନ ବାରିକ, ମନୋଜ ବେହେରା, ସନ୍ତୋଷ ମହାପାତ୍ରଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରୁଛନ୍ତି।


କେନ୍ଦୁଝର ସହର ମଣ୍ଡୁଆଠାରେ ପୂଜା ପାଉଥିବା ମା' ଦୁର୍ଗା।


ରିଜର୍ଭ ପୋଲିସ ଲାଇନ୍‌ରେ ପୂଜା ପାଉଥିବା ମା' ଦୁର୍ଗା।

## ୫୦ ବର୍ଷରେ ରିଜର୍ଭ ପୋଲିସ ଦୁର୍ଗାପୂଜା

କେନ୍ଦୁଝର,୧୦।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

### ପାଳନ ହେଉଛି ସୁବର୍ଣ୍ଣ ଜୟନ୍ତୀ ସମାରୋହ

କେନ୍ଦୁଝର ସହରର ରିଜର୍ଭ ପୋଲିସ ଲାଇନ୍‌ରେ ମା' ଦୁର୍ଗାଙ୍କ ଶାରଦୀୟ ଦୁର୍ଗାପୂଜା ଓ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଧୁମଧାମରେ ପାଳନ ହେଉଛି। ୧୯୭୪ରେ ଆରମ୍ଭ ହୋଇଥିବା ମା' ଜଗତଜନୀନ ଶ୍ରୀଶ୍ରୀ ଦୁର୍ଗାଦେବୀଙ୍କ ଶାରଦୀୟ ପୂଜା ମହୋତ୍ସବ ୫୦ ବର୍ଷରେ ପହଞ୍ଚିଛି। ଏଥିପାଇଁ ଜିଲା ଆରକ୍ଷୀ ପରିବାର ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ଏସ୍‌ପି ନୀତିନ କୁଶଲକର ଗୁରୁବାର ରିଜର୍ଭ ପଡ଼ିଆରେ ଏକ ପ୍ରଦର୍ଶନୀ ଓ ମୀନା ବଜାର ଉଦ୍‌ଘାଟନ କରିଛନ୍ତି।

ଚଳିତ ବର୍ଷ ଆକର୍ଷଣୀୟ ମେଢ ସାଙ୍ଗକୁ ତୋରଣ ସମସ୍ତଙ୍କୁ ଆକର୍ଷିତ କରୁଛି। ରୁପା ବର୍ଣ୍ଣ ମେଢ଼ ଓ ମଣ୍ଡପରେ ପୋଲିସ ବିଭାଗର ବିଭିନ୍ନ ପୋଷାକ ପିନ୍ଧିଥିବା ମାଟିର ମୂର୍ତ୍ତି, ଓହଳିଥିବା ବାଇଆ ବସା, ବାହାରେ ଦଶାନନ ରାବଣଙ୍କ ମୁଣ୍ଡ ଏକ ଭିନ୍ନ ପରିବେଶ ସୃଷ୍ଟି କରୁଛି। ବିଭିନ୍ନ ରଙ୍ଗବେରଙ୍ଗର ଆଲୋକ ସଜ୍ଜା ଚାରିଆଡ଼େ ଝଲକି ଉଠୁଛି। ଭକ୍ତଙ୍କ ଭିଡ଼ ଲାଗି ରହିଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବୁଧବାର ବିଲ୍ୱାଧିବାସ, ଘଟ ଉତ୍ତୋଳନ ଓ ନବ ପତ୍ରିକା ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ମହା ସପ୍ତମୀ, ଶୁକ୍ରବାର ମହାଅଷ୍ଟମୀ, ଶନିବାର ମହାନବମୀ, ରବିବାର ବିଜୟା ଦଶମୀ ପୂଜା ଆୟୋଜନ ହେଉଥିବା ଆୟୋଜକଙ୍କ ପକ୍ଷରୁ ଜିଲା କନ୍‌ଷ୍ଟେବଲ ସଂଘର ସଭାପତି କମଳାକାନ୍ତ ସେଠୀ ସୂଚନା ଦେଇଛନ୍ତି। ସେହିପରି ସୁବର୍ଣ୍ଣ ଜୟନ୍ତୀ ଅବସରରେ ରିଜର୍ଭ ପଡିଆରେ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ଗୁରୁବାର ଦିନ ଶିଶୁ କଳାକାର ଓ ଆରକ୍ଷୀ ଭଉଣୀଭାଇଙ୍କ ତରଫରୁ ଚିତ୍ରାଙ୍କନ, ଗୀତ, ନୃତ୍ୟ ପରିବେଷଣ, ଆଲପନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଶ୍ରୀକ୍ଷେତ୍ର ଭଜନ ମଞ୍ଚ କେନ୍ଦ୍ରାପଡ଼ା ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ଶନିବାର ପୋଲିସ ପରିବାର ପକ୍ଷରୁ ଭଜନ ଓ ମେଲୋଡି ଅନୁଷ୍ଠିତ ହେବ। ରବିବାର କଟକର କ୍ରିଷ୍ଣା ମେଲୋଡି ପକ୍ଷରୁ ନୃତ୍ୟଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ଜିଲା କନ୍‌ଷ୍ଟେବଲ ସଂଘର ସମ୍ପାଦକ ଅନୀଲ ଷଣ୍ଢ ସୂଚନା ଦେଇଛନ୍ତି।

## ଦ୍ୱିତୀୟ ବର୍ଷରେ ବେଙ୍ଗଲୀ ସଂସ୍କୃତି ଦୁର୍ଗାପୂଜା



କେନ୍ଦୁଝର,୧୦।୧୦(ଦୀପକ ମିଶ୍ର): କେନ୍ଦୁଝର ସହରର ଟେଲିଫୋନ୍ ଏକ୍ସଚେଞ୍ଜ ଛକ ନିକଟରେ ବଙ୍ଗାଳୀ ସମ୍ପ୍ରଦାୟ ପକ୍ଷରୁ ଦୁର୍ଗାପୂଜା ପାଳିତ ହେଉଛି। ପୂଜା ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଥିବା ବେଳେ ପୂଜା ସମ୍ପୂର୍ଣ୍ଣ ଭାବେ ବଙ୍ଗାଳୀ ସଂସ୍କୃତି ରୀତିନୀତିରେ ଅନୁଷ୍ଠିତ ହେଉଥିବା କମିଟିର ସଭାପତି ରାଜୁ ସୂତ୍ରଧର ପ୍ରକାଶ କରିଛନ୍ତି। ପୂଜାରେ ପଶ୍ଚିମବଙ୍ଗର ବାଙ୍କୁଡ଼ାରୁ ପବିତ୍ର କାବ୍ୟାତୀର୍ଥ, ରାଜେଶ କାବ୍ୟାତୀର୍ଥ, ଅନିରୁଦ୍ଧ ପାଇନ ପୂଜକ ଭାବେ ପୂଜାବିଧି ସମ୍ପନ୍ନ କରୁଛନ୍ତି। ଦଶହରା ଦିନ ବଙ୍ଗାଳୀ ସମ୍ପ୍ରଦାୟର ମହିଳାଙ୍କ ମଧ୍ୟରେ ସିନ୍ଦୁର ଖେଳ ଏହାର ମୁଖ୍ୟ ଆକର୍ଷଣ ବୋଲି କମିଟିର ସମ୍ପାଦକ ଶକ୍ତିରଞ୍ଜନ ଦେ ପ୍ରକାଶ କରିଛନ୍ତି। ପୂଜା ମଣ୍ଡପରେ ଅନେକ ଜନଗହଳି ହେଉଥିବା ପରିଲକ୍ଷିତ ହେଉଛି।

## ମହାସପ୍ତମୀ ପୂଜାରେ ଚମ୍ପୁଆ ଉତ୍ସବମୁଖର


ସାର୍ବଜନୀନ ଦୁର୍ଗାପୂଜା କମିଟି ଓ ମା' ଜଗତଜନନୀ ଦୁର୍ଗାପୂଜା କମିଟି ଦ୍ୱାରା ପ୍ରସ୍ତୁତ ତୋରଣ।

ଚମ୍ପୁଆ,୧୦।୧୦(ମହେଶ୍ୱର ଦାସ)

ଚଳିତ ବର୍ଷ ମା'ଙ୍କ ଆଗମନ ପାଇଁ ଚମ୍ପୁଆ ସହର ଉତ୍ସବ ମୁଖର ହୋଇଉଠିଛି। ସାର୍ବଜନୀନ ଦୁର୍ଗାପୂଜା କମିଟି ଓ ମା' ଜଗତଜନନୀ ଦୁର୍ଗାପୂଜା କମିଟି ଦ୍ୱାରା ସହରରେ ୨ ମେଢ଼ ସହ ସୁଦୃଶ ତୋରଣ ଆକର୍ଷଣୀୟ ଲାଇଟ୍ ଭକ୍ତିମୟ ପରିବେଶ ସୃଷ୍ଟି କରିଛି। ବୁଧବାର ବିଲ୍ୱବରଣ ସରିଥିବା ବେଳେ ଗୁରୁବାର ପାରମ୍ପରିକ ରୀତିନୀତି ଅନୁସାରେ ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ଏଥିପାଇଁ ମୃଣ୍ମୟ ମୂର୍ତ୍ତି, ମଣ୍ଡପ ଆକର୍ଷଣୀୟ ସାଜସଜ୍ଜାରେ ଝଟକୁଛି। ଶୁକ୍ରବାର ମହାଷ୍ଟମୀ ପୂଜା, ସନ୍ଧିପୂଜା ଅନୁଷ୍ଠିତ ହେବ। ଭକ୍ତମାନଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା ହୋଇଥିବା ମନ୍ଦିର କମିଟିର ସମ୍ପାଦକ ସୂଚନା ଦେଇଛନ୍ତି। ଏହି ଅବସରରେ ମନୋରଞ୍ଜନ ପାଇଁ କମିଟି ପକ୍ଷରୁ ରାଜ୍ୟର ସାଂସ୍କୃତିକ ଦଳ ତରଫରୁ ମେଲୋଡି କାର୍ଯ୍ୟକ୍ରମ, ମିନାବଜାର ଓ ଦୋଳି ବସିଥିବା ସାର୍ବଜନୀନ ଦୁର୍ଗାପୂଜା କମିଟିର ସଭାପତି ସୁବାଷ ରାମ ଓ ସମ୍ପାଦକ ଅସିତ ଦାସ ପ୍ରକାଶ କରିଛନ୍ତି। ମା' ଜଗତଜନନୀ ଦୁର୍ଗାପୂଜା କମିଟିର ସମ୍ପାଦକ ଗିରିଜା ଶଙ୍କର ସାହୁ ଭାଇଚାରାର ସହର ଚମ୍ପୁଆରେ ଏ ପର୍ବକୁ ସୋହାର୍ଦ୍ଦ୍ୟମୟ ବାତାବରଣରେ ପାଳନ କରିବାକୁ ସମସ୍ତଙ୍କୁ ନିବେଦନ କରିଛନ୍ତି। ଶାନ୍ତିଶୃଙ୍ଖଳା ଓ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏନ୍‌ଏସିର ୨ ନମ୍ବର ୱାର୍ଡ ପାଞ୍ଚପୋଖରୀଆଠାରେ ନିର୍ମିତ ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ ପାଇଁ ସମସ୍ତ କମିଟିକୁ ଆନୁରୋଧ କରାଯାଇଛି।

## ମନମୋହୁଛି ଗୁଜରାଟୀ ଦାଣ୍ଡିଆ ନୃତ୍ୟ



କେନ୍ଦୁଝର,୧୦।୧୦(ଦୀପକ ମିଶ୍ର)

ଚଳିତ ବର୍ଷ ଦୁର୍ଗାପୂଜା ଅବସରରେ କେନ୍ଦୁଝର ସହରସ୍ଥ ଗୁଜରାଟୀ ସମାଜରେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ଦାଣ୍ଡିଆ ନୃତ୍ୟ। ପ୍ରତିବର୍ଷ ପରି କେନ୍ଦୁଝରରେ ବସବାସ କରୁଥିବା ୧୦୦ରୁ ଊର୍ଦ୍ଧ୍ୱ ଗୁଜରାଟୀ ପରିବାର ନବରାତ୍ରକୁ ଅପେକ୍ଷା କରିଥାନ୍ତି। ପ୍ରତ୍ୟେକ ପରିବାରର ଆର୍ଥିକ ସହଯୋଗରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଗୁଜରାଟୀ ଜାତିର ମହିଳା ଓ ପୁରୁଷମାନେ ସହରରେ ଅବସ୍ଥିତ ଗୁଜରାଟୀ ସମାଜର ମଣ୍ଡପରେ ଏହାକୁ ଆନନ୍ଦ ସହକାରେ ଉପଭୋଗ କରନ୍ତି। କେନ୍ଦୁଝରର ଗୁଜରାଟୀ ସମାଜ ବ୍ୟତିତ ଅନ୍ୟ ଓଡ଼ିଆ ଲୋକ ଏହାକୁ ଉପଭୋଗ କରୁଥିବା ଦେଖିବାକୁ ମିଳୁଛି। ନବରାତ୍ରୀର ପ୍ରଥମ ଦିନରୁ ଦଶହରା ପର୍ଯ୍ୟନ୍ତ ସନ୍ଧ୍ୟାରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ଦାଣ୍ଡିଆ ନୃତ୍ୟ ଚାଲିବ ବୋଲି ଏହାର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଏହି ଉତ୍ସବ ଗୁଜରାଟୀ ସମାଜର ସଭାପତି ରାଜେଶ ପରମାର, ସମ୍ପାଦକ ମନୋଜ ଚାଉଡ଼ା, ଉପ ସଭାପତି କୌଶିକ ଟ୍ୟାଙ୍କ, ଗୁଜରାଟୀ ଯୁବ ବାହିନୀର ସଭାପତି ଶିବ ରାଠୋର ଓ ମହିଳା ମୋର୍ଚ୍ଚାର ସଭାନେତ୍ରୀ ରେଖା ରାଠୋରଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଉଛି। ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସଭାପତି କହିଛନ୍ତି ।

## ଭୂୟାଁ ସମାଜ ଦଳ ଚାମ୍ପିୟନ

ଯୋଡ଼ା,୧୦।୧୦(ମାନସ ମହାନ୍ତି)

### ରୁଙ୍ଗ୍‌ଟା କମ୍ପାନୀ ପକ୍ଷରୁ ଫୁଟ୍‌ବଲ ଟୁର୍ନାମେଣ୍ଟ

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳସ୍ଥିତ ରୁଙ୍ଗ୍‌ଟା ମାଇନ୍ସ ଲିମିଟେଡ୍ ପ୍ଲାଣ୍ଟ ଡିଭିଜନ ଆନୁକୂଲ୍ୟରେ ଏକ ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ୩୨ ଗୋଟି ଦଳକୁ ନେଇ ପ୍ରତିଯୋଗିତା ହୋଇଥିଲା। ଦଳକିର ଭୂୟାଁ ସମାଜ ଓ ବଡ଼ଯାମଦାର ରୋହିତ ବ୍ରଦର୍ସ ଫାଇନାଲରେ ଖେଳିବା ପାଇଁ ଉତ୍ତୀର୍ଣ୍ଣ ହୋଇଥିଲା। ଫାଇନାଲରେ ରୋହିତ ବ୍ରଦର୍ସକୁ ହରାଇ ଭୂୟାଁ ସମାଜ ଚାମ୍ପିୟନ ହୋଇଥିଲା। କାରାକୋଲ୍ହା ଓ କାରାଖେଣ୍ଡ୍ରା ଷ୍ଟିଲ୍ ପ୍ଲାଣ୍ଟର ମହାପ୍ରବନ୍ଧକ ସୁରେଶ ମହାପାତ୍ର, ପ୍ରବନ୍ଧକ ସୁମିତ ଚାନ୍ଦ, ପ୍ରବନ୍ଧକ ସରୋଜ ମହାପାତ୍ର ଖେଳକୁ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସରେ ବଡ଼ବିଲ ପୌରପାଳିକା ଅଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ, କାରାଖେଣ୍ଡ୍ରା ନାଏବ ସରପଞ୍ଚ ସୁବୁନି ମୁଣ୍ଡା, ସ୍ଥାନୀୟ ସମାଜ ସେବକ ଲଛମନ ମହାନ୍ତ, ମାନବ ସମ୍ବଳ ମୁଖ୍ୟ ଆନନ୍ଦ ଚରଣ ସାହୁ, ଏସ୍.କେ. ବାରିକ, କେ.ସି. ପାତ୍ର, ଭି.ଏନ୍. ଝା ପ୍ରମୁଖଙ୍କ ଉପସ୍ଥିତିରେ ବିଜେତା ଦଳକୁ ପୁରସ୍କୃତ କରାଯାଇଥିଲା। ରୁଙ୍ଗ୍‌ଟା ମାଇନ୍ସ ଲିମିଟେଡ୍ ପ୍ଲାଣ୍ଟ ଡିଭିଜନ ନିର୍ଦ୍ଦେଶକ ପ୍ରଣୟ ଦେଓଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳନା କରାଯାଇଥିଲା।


କେନ୍ଦୁଝର ସହରର ରିଜର୍ଭ ପୋଲିସ ଲାଇନ୍‌ରେ ମା' ଦୁର୍ଗାଙ୍କ ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତ ତୋରଣ।

## ଯୋଡ଼ାରେ ରତନ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)
/ଯୋଡ଼ା (ମାନସ ମହାନ୍ତି),୧୦।୧୦

ଭାରତର ଶିଳ୍ପପତି ରତନ ଟାଟାଙ୍କୁ ସମ୍ମାନ ଜଣାଇ ଗୁରୁବାର ଟାଟା ଷ୍ଟିଲ ଯୋଡ଼ା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ଯୋଡ଼ା ସେଣ୍ଟ୍ରାଲ ଅର୍ଗାନାଇଜେସନ (ଜେସିଓ) ଠାରେ ଆୟୋଜିତ ସଭାରେ ବରିଷ୍ଠ ଅଧିକାରୀ, ଶ୍ରମିକ ସଂଘର ଅଧିକାରୀ ଏବଂ କର୍ମଚାରୀମାନେ ଏକତ୍ରିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଦେଶ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ବିଷୟରେ ଆଲୋକପାତ କରିଥିଲେ।

ସେହିପରି ଯୋଡ଼ା ଇଷ୍ଟ ଲୌହ ଖଣି, ଖଣ୍ଡବନ୍ଧ ଲୌହଖଣି, ନୀଳାଚଳ ଖଣି, କଳମଙ୍ଗ ଏବଂ ଗନ୍ଧଲପଦା ପ୍ରକଳ୍ପ, ଆରଏମ୍‌ପି ଅଫିସ ଏବଂ ଫେରୋ ପ୍ଲାଣ୍ଟ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସମସ୍ତେ ରତନ ଟାଟାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ଟାଟା ସନ୍ସର ଏମିରିଟସ ଅଧ୍ୟକ୍ଷ ଥିବା ରତନ ଟାଟା କେବଳ ଜଣେ ଦୂରଦର୍ଶୀ ନେତୃତ୍ୱ ନ ଥିଲେ ବରଂ ଜଣେ ସମାଜସେବୀ ମଧ୍ୟ ଥିଲେ। ଯାହାର ପ୍ରଭାବ କର୍ପୋରେଟ ଜଗତ ବାହାରେ ମଧ୍ୟ ପରିଚିତ ଥିଲା। ତାଙ୍କ ନେତୃତ୍ୱରେ ଟାଟା ଗ୍ରୁପ ଇସ୍ପାତ, ଅଟୋମୋବାଇଲ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ସମେତ ବିଭିନ୍ନ କ୍ଷେତ୍ରରେ ବିସ୍ତାର କରି ଭାରତର ଶିଳ୍ପ ପରିଦୃଶ୍ୟକୁ ଗଢ଼ିତୋଳିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ରତନ ଟାଟା ନୈତିକ ବ୍ୟବସାୟ ଅଭ୍ୟାସ, ଉଦ୍ଭାବନ ଏବଂ ସାମାଜିକ ଦାୟିତ୍ୱବୋଧ ପାଇଁ ପ୍ରତିଶ୍ରୁତିବଦ୍ଧ ଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏବଂ ଗ୍ରାମୀଣ ବିକାଶ କ୍ଷେତ୍ରରେ ତାଙ୍କର ପଦକ୍ଷେପ, ସମଗ୍ର ଦେଶରେ ଅଗଣିତ ଜୀବନରେ ପରିବର୍ତ୍ତନ ଆଣିଛି। ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବିକା ଭଳି କ୍ଷେତ୍ର ଉପରେ ଧ୍ୟାନ ଦେଉଥିବା ଟାଟା ଟ୍ରଷ୍ଟ, ଦେଶ ନିର୍ମାଣ ପ୍ରତି ତାଙ୍କର ସମର୍ପଣର ଉଦାହରଣ ବୋଲି ଉପସ୍ଥିତି କର୍ମକର୍ତ୍ତା କହିଥିଲେ। ସୂଚନାଯୋଗ୍ୟ ଶିଳ୍ପପତି ରତନ ଟାଟା ୯ ଅକ୍ଟୋବର ୨୦୨୪ ରେ ମୁମ୍ବାଇଠାରେ ଏକ ଘରୋଇ ଚିକିତ୍ସାଳୟରେ ଇହଲିଳା ସମ୍ବରଣ କରିଥିଲେ।


ଟାଟା ଷ୍ଟିଲ ଯୋଡ଼ା ପକ୍ଷରୁ ଅଧିକାରୀମାନେ ରତନ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ବାଇକ୍-ସ୍କୁଟି ମୁହାଁମୁହିଁ, ୧ ମୃତ

ପାଟଣା,୧୦।୧୦(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା କେନ୍ଦେଇପଶି ରାସ୍ତା ହନୁମାନ ଛକ ନିକଟରେ ଗୁରୁବାର ଏକ ବାଇକ ଓ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ସ୍କୁଟି ଚାଳକ ପାଟଣା ବ୍ଲକ୍ କେନ୍ଦେଇ ପଶି ପଞ୍ଚାୟତ ଖୁଣ୍ଟାପଡ଼ା ଗ୍ରାମର କେଦାରନାଥ ମହାନ୍ତ(୨୫)ଙ୍କ ମୃତ୍ୟୁ ଘଟିଛି। ପାଟଣା ବ୍ଲକ୍ ଚାକୁଣ୍ଡାପାଳ ଗ୍ରାମର ଦମୟନ୍ତୀ ମୁଣ୍ଡା(୧୭), ସ୍ୱାମ ମୁଣ୍ଡା ସାହିର ଚୈତନ୍ୟ ମୁଣ୍ଡା (୨୦), ପାଣି ଗ୍ରାହି ମୁଣ୍ଡା (୨୦) ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଚୈତନ୍ୟ ଶାଳୀ ଦମୟନ୍ତୀ ଓ ସାଙ୍ଗ ପାଣିଗ୍ରାହୀଙ୍କୁ ନେଇ ଏକ ବାଇକରେ ଚାକୁଣ୍ଡାପାଳ ଶ୍ୱଶୁର ଘରକୁ ଯାଉଥିଲେ। ଅପରପର୍ଶ୍ୱରୁ କେଦାର ସ୍କୁଟିରେ ହନୁମାନ ଛକ ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ହୋଇଥିଲା। ୪ ଜଣଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପାଟଣା ପରେ ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କେଦାରନାଥଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା। ଅନ୍ୟ ୩ ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ କରୁଛି।

## ହସନପୁର ଟୋଲ୍‌ପ୍ଲାଜାରେ ଆମ୍ବୁଲାନ୍ସ ଯିବାକୁ ସ୍ୱତନ୍ତ୍ର ରାସ୍ତା ନାହିଁ

ରାମଚନ୍ଦ୍ରପୁର,୧୦।୧୦(ଗଣେଶ୍ୱର ସା)

### ଅନେକ ସମୟରେ ଭିଡ଼ରେ ଫସୁଛି

କେନ୍ଦୁଝର ଜିଲା ୨୦ ନଂ. ଜାତୀୟ ରାଜପଥ ହସନପୁର ଟୋଲ୍‌ପ୍ଲାଜାରେ ଆମ୍ବୁଲାନ୍ସ ଯାତାୟାତ ନିମନ୍ତେ ସ୍ୱତନ୍ତ୍ର ରାସ୍ତା ନାହିଁ। ଫଳରେ ଅନେକ ସମୟରେ ଆମ୍ବୁଲାନ୍ସ ଭିଡ଼ରେ ଫସୁଥିବାରୁ ରୋଗୀ ଗୁରୁତର ହେଉଥିବା ଅଭିଯୋଗ ହେଉଛି। ଏହାର ସମାଧାନ କରିବାକୁ ସ୍ଥାନୀୟ ଲୋକେ ଓ ଆମ୍ବୁଲାନ୍ସ ଡ୍ରାଇଭର ସଂଘ ପକ୍ଷରୁ ଦାବି ହୋଇଛି।

ସୂଚନା ଅନୁଯାୟୀ, ପାଣିକୋଇଲିଠାରୁ ରିମୁଳି ପର୍ଯ୍ୟନ୍ତ ଏହି ରାଜପଥ ନିର୍ମିତ ହୋଇଥିବା ବେଳେ ହସନପୁର, ଖଣ୍ଟଘର ଓ ବନାଯୋଡ଼ିରେ ୩ ଟୋଲ୍‌ପ୍ଲାଜା ରହିଛି। ପରିତାପର ବିଷୟ ହସନପୁର ଟୋଲ୍‌ପ୍ଲାଜାରେ ଗୋଟିଏ ରୁଟ୍‌ରେ ୬ ଲାଇନ ବିଶିଷ୍ଟ ରାସ୍ତା ଥିବା ବେଳେ ମାତ୍ର ଗୋଟିଏ ୨ଟି ଲେନ୍ ଛାଡ଼ି ଦେଲେ ବାକି ଲେନ୍ ସବୁବେଳେ ବନ୍ଦ ରହୁଛି। ପୂର୍ବରୁ ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ ଓ ବିଭିନ୍ନ ଜରୁରିକାଳୀନ ଗାଡ଼ି ଯିବା ଆସିବା ପାଇଁ ଗୋଟିଏ ଲେନ୍ ଛଡ଼ାଯାଇଥିଲା। ସେହି ଲାଇନକୁ ମଧ୍ୟ ବର୍ତ୍ତମାନ ବନ୍ଦ କରିଦିଆଯାଇଛି। ବର୍ତ୍ତମାନ ବାଇକ୍ ଯିବା ରାସ୍ତାକୁ କିଛି ଅଂଶ ଚଉଡ଼ାକରି ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀ ଭଳି ଜରୁରିକାଳୀନ ଗାଡ଼ି ଯାତାୟାତ କରୁଛି। ଫଳରେ ଅନେକ ସମୟରେ ଗାଡ଼ି ଫସି ରହୁଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି ବୋଲି କେନ୍ଦୁଝର ଜିଲା ଆମ୍ବୁଲାନ୍ସ ଡ୍ରାଇଭର ସଂଘର ସଭାପତି ଜ୍ୟୋତିପ୍ରକାଶ ପାତ୍ର, ବିପିନ ବିହାରୀ ମହାନ୍ତ, ଦେବଦତ୍ତ ଓଝା, ସବ୍ୟସାଚୀ ମହାନ୍ତ, ରାମଚନ୍ଦ୍ର ସାହୁ, ତପନ ପ୍ରଧାନ, ବାବୁଲା ସା, ସନ୍ତୋଷ ବେହେରା, ରମେଶ ନାୟକଙ୍କ ସମେତ ଶତାଧିକ ଆମ୍ବୁଲାନ୍ସ କର୍ମଚାରୀ ଅଭିଯୋଗ କରିଛନ୍ତି। ଏଣୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଓ ଆନନ୍ଦପୁର ପ୍ରଶାସନ ଏ ଦିଗରେ ଉଚିତ ପଦକ୍ଷେପ ନେବାକୁ ଆମ୍ବୁଲାନ୍ସ କର୍ମଚାରୀ ଦାବି ଜଣାଇଛନ୍ତି। ଘଟଣା ସମ୍ପର୍କରେ ଟୋଲ୍‌ପ୍ଲାଜା ଦାୟିତ୍ୱରେ ଥିବା ମ୍ୟାନେଜର ଲମ୍ବୋଧର ପୃଷ୍ଟି କହିଛନ୍ତି, ବର୍ତ୍ତମାନ ସରକାରଙ୍କ ନୂଆ ନିୟମ ଅନୁଯାୟୀ ସବୁ ଲାଇନ ଚଲାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଯଦି କିଛି ଅଭିଯୋଗ ଆସୁଛି, ସେଇ ରାସ୍ତାକୁ ଆଉ ଟିକେ ଚଉଡ଼ା କରିଦେଲେ ଜରୁରିକାଳୀନ ଗାଡ଼ି ଯାତାୟାତ କରିପାରିବ।




ବାଲେଶ୍ୱର: ବିବେକାନନ୍ଦ ମାର୍ଗରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।


ବାଲିଆପାଳ: ମଣ୍ଡପରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।


ଜଳେଶ୍ୱର: ମଣ୍ଡପରେ ମା'ଙ୍କ ମହାସପ୍ତମୀ ପୂଜା।




ସୋର ଉତ୍ତରେଶ୍ୱର ବଜାର କମିଟି(ଉପର) ଓ ସୁବର୍ଣ୍ଣମୟୀ ଦୁର୍ଗାପୂଜା କମିଟି ପକ୍ଷରୁ ମା'ଙ୍କ ପୂଜା।

# ମହାସପ୍ତମୀରେ ପୂଜା ପାଇଲେ ମା'

ବାଲେଶ୍ୱର, ୧୦।୧୦(ବାଞ୍ଛାନିଧି ଦେ)

ବରଷକେ ପରେ ଆସିଛି ପାର୍ବଣ ଋତୁ। ଧରାବତରଣ କରିଛନ୍ତି ଜଗତଜନନୀ ମା' ଦୁର୍ଗା। ମା'ଙ୍କୁ ଆବାହନ କରିବା ଲାଗି ପଲ୍ଲୀରୁ ସହର, ସବୁଠି ଉତ୍ସବମୁଖର ହୋଇଉଠିଛି। ରାଜ୍ୟର ଅନ୍ୟ ସହର ଭଳି ବାଲେଶ୍ୱର ସହର ମଧ୍ୟ ସଜେଇ ହୋଇଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ଢଙ୍ଗରେ ମେଢ଼, ଆଲୋକମାଳା, ସାଜସଜ୍ଜା ପ୍ରସ୍ତୁତି ସରିଛି। କେଉଁ ମଣ୍ଡପରେ ଚାନ୍ଦିର କାରୁକାର୍ଯ୍ୟ, ତ କେଉଁଠି ମାଟିରେ ମା'ଙ୍କ ଅଳଙ୍କାର ଦର୍ଶକଙ୍କୁ ମୋହିତ କରିଛି।

ଚଳିତବର୍ଷ ବାଲେଶ୍ୱର ସହରରେ ୯୦ଟି ମଣ୍ଡପରେ ପୂଜା ପାଉଛନ୍ତି ମା'। ଗତ ବୁଧବାର ମହାଷଷ୍ଠୀ ଅବସରରେ ବିଲ୍ୱାଧିବାସ ହୋଇଥିଲା। ଗୁରୁବାର ଘଟୋତ୍ତଳନ ପୂର୍ବକ ସପ୍ତମୀ ବିହିତ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଶୁକ୍ରବାର ମହାଷ୍ଟମୀ ଓ ଶନିବାର ମହାନବମୀ ପୂଜା ଯଥାବିଧି ସମ୍ପନ୍ନ ହେବ। ରବିବାର ଦଶହରା ଅବସରରେ ଦେବୀଙ୍କଠାରେ ଦଶମୀ ପୂଜା ସମାପନ ପରେ ବିସର୍ଜନ ଦିଆଯିବ। ସହରର ବିବେକାନନ୍ଦ ମାର୍ଗରେ କାଳିମନ୍ଦିର ଦୁର୍ଗାପୂଜା କମିଟି ଓ ଚେରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ୫୦ତମ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳିତ

**ଚଳଚଞ୍ଚଳ ବାଲେଶ୍ୱର**

ହେଉଛି। ସେହିପରି ଫକୀରମୋହନ ଗୋଲେଇ, ଫାଣ୍ଡିଛକ, ସାରଥୀ ସଂଘ, ନୂଆବଜାର, ରାଣୀପାଟଣା, ଗୋପାଳଗାଁ, ସିନେମାଛକ, ଟାଉନ୍ ଥାନା ଛକ, ହେମକାପଦା ଛକ, ସୁନହଟ, ମାଲକପୁର, ମାଣିଖମ୍ବ, ଆଜିମାବାଦ, ଆଇଟିଆଇ ଛକ, ପୋଲିସ ଲାଇନ୍ ଛକ ବସ୍‌ଷ୍ଟାଣ୍ଡ ଛକ ଓ ବାଲିଆ ଛକ ଆଦି ସ୍ଥାନରେ ଧୁମ୍‌ଧାମ୍‌ରେ ପୂଜା ଉତ୍ସବ ପାଳିତ ହେଉଛି। ଭିଡ଼କୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଟ୍ରାଫିକ୍ କଟକଣା ଜାରି କରାଯାଇଛି। ଏହି କଟକଣା ଆସନ୍ତା ୧୪ ତାରିଖ ଭସାଣୀ ଶୋଭାଯାତ୍ରା ପର୍ଯ୍ୟନ୍ତ ସହରରେ ବଳବତ୍ତର ରହିବ। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ୩ ଅତିରିକ୍ତ ଏସ୍‌ପି, ୧୪ ଡିଏସ୍‌ପି, ୨୪ ଇନ୍ସପେକ୍ଟର, ୧୩୫ ଏସ୍‌ଆଇ ଓ ଏଏସ୍‌ଆଇଙ୍କ ସମେତ ମୋଟ୍ ୩୪ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଏଥିସହ ବିଭିନ୍ନ ସ୍ଥାନରେ ଷ୍ଟାଟିକ ଫୋର୍ସ ଓ ଗାର୍ଡ଼ ନିୟୋଜିତ କରାଯାଇଛି। ଲୁଟ୍ ଓ ଛିନ୍‌ତାଇକୁ ଦୃଷ୍ଟିରେ ରଖି ମୋବାଇଲ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି।

## ୧୯ ମଣ୍ଡପରେ ମା'ଙ୍କୁ ପୂଜା

ବାହାନଗା, ୧୦।୧୦(ଅରୂପ୍ କୁମାର ଦାସ)–ବାହାନଗା ବ୍ଲକରେ ୧୯ଟି ମଣ୍ଡପରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତୀ ମହାଆଡମ୍ବରରେ ପୂଜା କରାଯାଉଛି। ଗୋପାଳପୁର ବଜାରରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତୀ ପୂଜା ହେଉଥିବା ବେଳେ କଲ୍ୟାଣୀରେ ୨ଟି, ନୂଆପୁରରେ ୨ଟି, ଜଳଖଟୁଆ ଗ୍ରାମରେ ଗୋଟିଏ, ଦେବେନ୍ଦ୍ରପୁର ଗ୍ରାମର ଗୋଟିଏ, ଚିଉଳ ଗ୍ରାମର ଗୋଟିଏ, କୁରୁଡା, କୁଚିଆକୋଇଲି ଗ୍ରାମର ଗୋଟିଏ ଲେଖାଏଁ ପୂଜାମଣ୍ଡପରେ ପୂଜା ପାଉଛନ୍ତ। ସମସ୍ତ ମଣ୍ଡପକୁ ଆର୍କଷଣୀୟ କରିବା ପାଇଁ ବିଭିନ୍ନ ଆଲୋକମାଳାରେ ତୋରଣ ସମେତ ବଜାରଗୁଡ଼ିକୁ ସଜ୍ଜିତ କରାଯାଇଛି। ରାତିରେ ପୂଜାମଣ୍ଡପଗୁଡ଼ିକରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ତେବେ ବାହାନଗା ବ୍ଲକରେ ଗୋପାଳପୁର ପଞ୍ଚାୟତର ମଇଁଷାପଟା ଗ୍ରାମ ଓ କଲ୍ୟାଣି ବଙ୍ଗାଳୀ ସାହିର, ବାହାନଗା ବଜାରର ଶହ ଶହ ବର୍ଷ ଧରି ମା'ଙ୍କ ଶାରଦୀୟ ପୂଜା ପାଳିତ ହୋଇଆସୁଛି। ଜଳଖଟୁଆ ଗ୍ରାମର ମା'ଙ୍କ ମହାନବମୀ ପୂଜାରେ ବଳିପ୍ରଥା ରହିଆସିଛି। ପୂର୍ବରୁ ମା'ଙ୍କଠାରେ ମଇଁଷି ବଳି ପଡୁଥିବା ବେଳେ କାଳକ୍ରମେ ତାହା ବନ୍ଦ ହେବା ସହିତ ବୋଦା ବଳି ମା'ଙ୍କଠାରେ ପଡୁଛି। ସେହିଦିନ ମା'ଙ୍କଠାରେ ବଳି ଦେଖିବା ପାଇଁ ଶ୍ରଦ୍ଧାଳୁମାନଙ୍କର ଭିଡ ଜମିଥାଏ।


ବାହାନଗା ଗୋପାଳପୁର ବଜାର କମିଟି ପକ୍ଷରୁ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

## ୧୩୨ବର୍ଷର ସାର୍ବଜନୀନ ଦୁର୍ଗାପୂଜା

ବାଲିଆପାଳ, ୧୦।୧୦(ଗୋପାଳ ଚନ୍ଦ୍ର ସାହୁ)– ବାଲିଆପାଳ ପଞ୍ଚାୟତର ୧୩୨ବର୍ଷର ସାର୍ବଜନୀନ ଦୁର୍ଗାପୂଜା ବସ୍‌ଷ୍ଟାଣ୍ଡସ୍ଥିତ ଦୁର୍ଗାମଣ୍ଡପରେ ଗୁରୁବାରଠାରୁ ଆରମ୍ଭ ହୋଇଛି। ବୁଧବାର ଷଷ୍ଠୀରେ ବିଲ୍ୱାଧିବାସ ପରେ ଗୁରୁବାର ସପ୍ତମୀ ଅବସରରେ ସୁବର୍ଣ୍ଣରେଖା ନଦୀରୁ ଘଟଉତ୍ତୋଳନ ପରେ ମା' ଦୁର୍ଗାଦେବୀଙ୍କ ପୂଜା ଆରମ୍ଭ ହୋଇଛି। ଶୁକ୍ରବାର ମହାଷ୍ଟମୀ ପରେ ଶନିବାର ନବମୀ ପୂଜା ଏବଂ ରବିବାର ଦଶହରା ଅନୁଷ୍ଠିତ ହୋଇ ଅପରାଜିତା ମାର୍ଜନା ପରେ ଦୁର୍ଗାପୂଜା ଶେଷ ହେବ। ପଣ୍ଡିତ ହରେକୃଷ୍ଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପଣ୍ଡିତ କମଳଲୋଚନ ପଣ୍ଡା, ପଣ୍ଡିତ ଅଜୟ କୁମାର ପଣ୍ଡା, ଯଜ୍ଞେଶ୍ୱର ପଣ୍ଡା, ଗୌରୀଶଙ୍କର ଆଚାର୍ଯ୍ୟ ପ୍ରମୁଖ ପଣ୍ଡିତମାନେ ପୂଜା କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ପୂଜା କମିଟି ସମ୍ପାଦକ ଖବରଦାତା ଅଜୟ କୁମାର ସାହୁ, ପୂଜାର କର୍ତ୍ତା ଅଜିତ କୁମାର ପାତ୍ରଙ୍କ ସହଯୋଗରେ ପୂଜା ଚାଲୁ ରହିଛି। ସେହିପରି ସିମୁଳିଆ ବଜାରରେ ମଧୁପୁରା ପଞ୍ଚାୟତରେ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି।

## ଜଳେଶ୍ୱରର ୩୨ ସ୍ଥାନରେ ମା'ଙ୍କୁ ଆବାହନ

ଜଳେଶ୍ୱର, ୧୦।୧୦(ରବିନାରାୟଣ ପାତ୍ର)–ମା' ଦୁର୍ଗାଙ୍କର ମହାସପ୍ତମୀ ପୂଜା ପାଳିତ ହୋଇଛି। ଜଳେଶ୍ୱର ବ୍ଲକ ଅଞ୍ଚଳର ୩୨ଟି ସ୍ଥାନ ଜଳେଶ୍ୱର ବସ୍‌ଷ୍ଟାଣ୍ଡ, ହାଟ ଛକ, ନୂଆବଜାର, ବାଘାବାଳୀ, ଲକ୍ଷ୍ମଣନାଥ, ବର୍ତ୍ତନା, ଲାମ୍ପ, ପାଟଣା, ଏକତାଳି, ଚୋମୌଜ, ପଶ୍ଚିମବାର୍ଡ଼ କୋଟସାହି ଏବଂ ରାଇବଣିଆ ଅଞ୍ଚଳରେ ଖୁଆଡ଼, ରାଇବଣିଆ, ଓଲମାରା, କୁଆଁରପୁର, ଗଡ଼ସାହି, କାଳିକ, ପୁରୁଣା ପାଣି, ପ୍ରହରାଜପୁର, ଆଶାବନ୍ଧ, ହାତୀଗଡ଼କୁ ନେଇ ୯ଟି ପୂଜା ମଣ୍ଡପରେ ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି।

**ମୟୂରଭଞ୍ଜ**

# ଉତ୍ସବମୁଖର ବାରିପଦା ସହର




ତୁଳସୀ ଚଉରାଠାରେ ପୁରୀ ଶ୍ରୀମନ୍ଦିର ଓ ପାଲବଣିଠାରେ ଡିଜନି ୱାର୍ଲ୍ଡ ସଦୃଶ ତୋରଣ।


ଉଦଳା ଆମ ଦୁର୍ଗାପୂଜା କମିଟି ପକ୍ଷରୁ ଗୁରୁବାର ମଣ୍ଡପରେ ଅନୁଷ୍ଠିତ ମା' ଦୁର୍ଗାଙ୍କ ସପ୍ତମୀ ପୂଜା।

ବାରିପଦା, ୧୦।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

- ଝିଲିମିଲି ଲାଇଟ୍‌ରେ ଝଲସୁଛି
- ଶ୍ରୀମନ୍ଦିର, ଡିଜ୍‌ନି ୱାର୍ଲ୍ଡ ସଦୃଶ ତୋରଣ ସାଜିଛି ମୁଖ୍ୟ ଆକର୍ଷଣ

ଜଗତଜନନୀ ମା' ଦୁର୍ଗା ଧରାବତରଣ କରିଛନ୍ତି। ମା'ଙ୍କୁ ଆବାହନ କରିବା ପାଇଁ ମୟୂରଭଞ୍ଜ ଜିଲା ସମେତ ବାରିପଦା ସହର ଉତ୍ସବ ମୁଖର ହୋଇ ଉଠିଛି। ସହରର ୫ଟି ପ୍ରବେଶ ପଥଠାରୁ ଆରମ୍ଭ କରି ବଜାର ସାରା ଝିଲିମିଲି ଲାଇଟରେ ଝଲମଲ କରୁଛି। ସୁଉଚ୍ଚ ତୋରଣ ସହିତ ରଙ୍ଗବେରଙ୍ଗର ସାଜସଜ୍ଜାକୁ ନେଇ ପୂଜାମଣ୍ଡପ ଝଲସି ଉଠିଛି। ସାର୍ବଜନୀନ ପୂଜାକୁ ଆନନ୍ଦ ଉଲ୍ଲାସ ଓ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ସହରବାସୀ ବେଶ ଉତ୍ସାହିତ ଅଛନ୍ତି। ସହରର ୨୮ଟି ମଣ୍ଡପରେ ମା'ଙ୍କ ପୂଜା ଚାଲିଛି।

ଚଳିତ ବର୍ଷ ବାରିପଦା ସହରର ମୃଣ୍ମୟ ମୂର୍ତ୍ତିଓ ପୂଜା ମଣ୍ଡପଗୁଡ଼ିକ ବେଶ ଆକର୍ଷଣୀୟ ହୋଇଛି। ତୁଳସୀଚଉରାଠାରେ ପୁରୀ ଶ୍ରୀମନ୍ଦିର ଓ ପାଲବଣୀଠାରେ ଡିଜନି ୱାର୍ଲ୍ଡ ତୋରଣ ପରିସରରେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି। ରାଜପ୍ରାସାଦ ପରିସରରେ ଥିବା ସର୍ବପୁରାତନ ମା' କୀଚକେଶ୍ୱରୀଙ୍କ ମନ୍ଦିର ସମ୍ମୁଖ ଦେବୀମାଳା ମଣ୍ଡରେ ଦେବୀ ଦୁର୍ଗାଙ୍କ ପୂଜେ ୧୦୩ ବର୍ଷରେ ପଦାର୍ପଣ କରିଛି। ସେହିପରି ଶହୀଦ ପଡ଼ିଆରେ ଅନୁଷ୍ଠିତ ପୂଜା ୯୧ବର୍ଷରେ ପଦାର୍ପଣ କରିଥିବା ବେଳେ ଟାଉନ ଥାନା ନିକଟରେ ପୂଜା ୬୮ବର୍ଷ, ଷ୍ଟେଶନ ବଜାର ପୂଜା ୬୭ ବର୍ଷ, ପୌର ପାଳିକା ପରିସରରେ ଅନୁଷ୍ଠିତ ପୂଜା ୫୯ବର୍ଷ, ଫ୍ରେଜର ହଷ୍ଟେଲ ପୂଜା ୬୩ବର୍ଷ, ବଡ଼ବଜାର ରାଧାମୋହନ ମନ୍ଦିର ନିକଟ ପୂଜା ୫୬ ବର୍ଷ, ମୁର୍ଗାବାଡି ଗୋଲେଇ ପୂଜା ୪୪ ବର୍ଷ, ଓ ସୁନାମୁହିଁ ପୂଜା ୪୨ ବର୍ଷରେ ପଦାର୍ପଣ କରିଛି। ସହରର ପାଲବଣୀ, ତୁଳସୀଚଉରା, ବଡ଼ବଜାର, ତେନ୍ତୁଳିଡିଙ୍ଗା, ଷ୍ଟେଶନବଜାର, ମଧୁବନ ଆଦି ସ୍ଥାନରେ ସୁଉଚ୍ଚ ତୋରଣ ସାଙ୍ଗକୁ ନୂଆ ଡିଜାଇନର ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଏହି ସବୁ ମଣ୍ଡପଗୁଡ଼କରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଥିବାରୁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ପ୍ରତି ପୂଜା ମଣ୍ଡପରେ ପୋଲିସ ମୃତୟନ ହେବା ସହିତ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବାକୁ ଟ୍ରାଫିକ ପୋଷ୍ଟ କରାଯାଇଛି।

ପ୍ରତି ପୂଜା ମଣ୍ଡପରେ ଜଣେ ଅଧିକାରୀଙ୍କ ସହ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସହରକୁ ପ୍ରବେଶ କରିବା ପାଇଁ ପାଲବଣି, କୃଷ୍ଣଚନ୍ଦ୍ର ଗୋଲାଇ, ଷ୍ଟେଶନ ବଜାର, ମୁର୍ଗାବାଡି ଓ ଦାରଗାଡାହିଠାରେ କଡାକଡି ଯାଞ୍ଚ କରାଯାଉଛି। ପକେଟମାର,ଛିନତାଇ,ଲୁଟ ରୋକିବା ପାଇଁ କଡ଼ା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୩ ଡିଏସ୍‌ପି, ୫ ଇନ୍ସପେକ୍ଟର, ୧୪ ପ୍ଲାଟୁନ ଫୋର୍ସନିୟୋଜିତ କରାଯାଇଥିବା ବେଳେ ୨୪ ଘଣ୍ଟିଆ ୨ଟି ମୋବାଇଲ ପାଟ୍ରୋଲିଂ ଭ୍ୟାନ, ଆଣ୍ଟି ରୋମିଓ ପାଇଁ ୪ଟି ସ୍କ୍ୱାଡ୍, ୨ଟି ସ୍କ୍ୱାଡ୍‌ରେ ସାଦା ପୋଷାକଧାରୀ ପୋଲିସ ଅଧିକାରୀ, ଡ୍ରଙ୍କେନ ସ୍କ୍ୱାଡ ରହିଛନ୍ତି। ବାରିପଦା ସଦର ଏସ୍‌ଡିପିଓ ସୁଜିତ ପ୍ରଧାନ ଓ ଟାଉନ ଥାନାଧିକାରୀ କର୍ମଚାରୀଙ୍କୁ ନେଇ ପୂଜା ମଣ୍ଡପ ବୁଲି ତଦାରଖ କରୁଛନ୍ତି। ପୂଜା କମିଟିଗୁଡ଼ିକ ସିସିଟିଭି କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଜିଲା ପୋଲିସ ପକ୍ଷରୁ ଜାରି କରାଯାଇଥିବା କଟକଣାକୁ ଅନୁପାଳନ କରିବାକୁ କୁହାଯାଇଛି। ସେହିପରି ମ୍ୟୁନସିପାଲିଟି ପକ୍ଷରୁ ପୂଜା ମଣ୍ଡପଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ରାସ୍ତାଘାଟ ସଫେଇ ନିମନ୍ତେ ଆବଶ୍ୟକ କର୍ମଚାରୀ ନିୟୋଜିତ କରିଛନ୍ତି। ସହରର ତୁଳସୀ ଚଉରା, ଷ୍ଟେଶନ ବଜାର, ଫ୍ରେଜାର ହଷ୍ଟେଲ, ମଧୁବନ, ଶହୀଦ ପଡ଼ିଆ, ପାଲବଣି, ତକତପୁର, ଦାରଗାଡ଼ାହି, ମୁର୍ଗାବାଡ଼ି, ଲାଲବଜାର, କୃଷ୍ଣଚନ୍ଦ୍ର ଗୋଲାଇ, ସୁନାମୁହିଁ, ବଡ଼ବଜାର, ଅମ୍ବିକା ସାହି, ହରପାର୍ବତୀ, ଶ୍ରୀ ରାଧାମୋହନ ମନ୍ଦିର ପାର୍ଶ୍ୱ, ଏମ୍‌ପିସି କଲେଜ ସମ୍ମୁଖ ହରପାର୍ବତୀ, ବଡ଼ବଜାର, ଦେବୀମାହାଲା, ଶୀତଳା ମନ୍ଦିର, ବନଦୁର୍ଗା, ପୌର ପରିଷଦ କାର୍ଯ୍ୟାଳୟ ପରିସର, କମଳା ନେହେରୁ ହାଇସ୍କୁଲ, ଭଞ୍ଜପୁର, ବେଲଗଡ଼ିଆ ଏବଂ ତେନ୍ତୁଳିଡିଙ୍ଗାଠାରେ ଥିବା ମଣ୍ଡପରେ ପୂଜା ଅନୁଷ୍ଠିତ ହେଉଛି।

## ଦେବୀମଣ୍ଡପରେ ମହାସପ୍ତମୀ ପୂଜା

ରାଇରଙ୍ଗପୁର,୧୦।୧୦(ମାନସ ମହାନ୍ତି)– ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ଗୁରୁବାର ପୂଜା ମଣ୍ଡପରେ ମହାସପ୍ତମୀ ପୂଜା କରାଯାଇଥିଲା। ରାଇରଙ୍ଗପୁର ସହରାଞ୍ଚଳ କୁଚେଇବୁଡ଼ି ବସ୍ତି, ସାକାଲା ଡିହି, ଇଚିଣ୍ଡା, ଅଁଳାଡୁବା, ପୁରୁଣାଘାଟି ଏବଂ ବଡ଼ ବଜାର ସମେତ ୬ଟି ସ୍ଥାନରେ ଥିବା ପୂଜା ମଣ୍ଡପରେ ଦେବୀ ଦୁର୍ଗା ପୂଜା ପାଉଛନ୍ତି। ରାଇରଙ୍ଗପୁର ଗୋଲେଇ ନିକଟରେ ହରପାର୍ବତୀଙ୍କ ପୂଜା କରାଯାଇଛି। ସମସ୍ତ ସ୍ଥାନରେ ଆକର୍ଷଣୀୟ ମୂର୍ତ୍ତି,ମେଢ଼ ଏବଂ ତୋରଣ ସାଙ୍ଗକୁ ରଙ୍ଗ ବେରଙ୍ଗର ଆଲୋକ ସଜ୍ଜା ଦେଖଣାହାରୀଙ୍କ ମନମୋହୁଛି। ବହଳଦାସ୍ଥିତ ମା' କୀଚକେଶ୍ୱରୀଙ୍କ ପୀଠରେ ମହାଷ୍ଟମୀ ପୂଜା ପାଳିତ ହୋଇଯାଇଛି। ବାଦାମପାହାଡ଼, ଗୋରୁମହିଷାଣି, ବିଶୋଇ, ଝରାଡିହି ଏବଂ ତିରିଙ୍ଗ ସମେତ ବିଭିନ୍ନ ପୂଜା ମଣ୍ଡପରେ ମହାସପ୍ତମୀ ପୂଜା ପାଳିତ ହୋଇଛି। ଅନେକ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଛି।

## ଦେବକୁଣ୍ଡ ଅମ୍ବିକା ପୀଠରେ ମହାଷ୍ଟମୀ ପୂଜା

ଉଦଳା,୧୦।୧୦(ସନ୍ତୋଷ କୁମାର ବାଛିନୀ)– ଶିମିଳିପାଳ ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ଦେବୀ ଅମ୍ବିକାଙ୍କ ପୀଠରେ ମହାଷ୍ଟମୀ ପୂଜା ଗୁରୁବାର ଅନୁଷ୍ଠିତ ହୋଇଛି। ଭୋର ସମୟରୁ ଦେବୀଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ଦେବୀଙ୍କୁ ଦର୍ଶନ କରିଥିବା ପୀଠର ବରିଷ୍ଠ ସଦସ୍ୟ ଉତ୍ତମ ବେହେରା ସୂଚନା ଦେଇଛନ୍ତି।

## ବ୍ୟବସାୟୀଙ୍କ ଘରେ କଳାକନା ବୁଲାଇଲେ ଚୋର ୨୦ ଲକ୍ଷ ସହ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟ୍

ବାଙ୍ଗିରିପୋଷି,୧୦।୧୦(ସଞ୍ଜୟ କୁମାର ଅଗ୍ରୱାଲା): ଗତ ବୁଧବାର ରାତି ବାଙ୍ଗିରିପୋଷି ଥାନା ଅଧୀନ ବଣକାଟୀ ପଞ୍ଚାୟତ ଗୋଷାଣିପାଳ ଗ୍ରାମର ଯୁବ ବ୍ୟବସାୟୀ ସୁବାସ ସାହୁଙ୍କ ଘରେ ବୁଧବାର ରାତିରେ ଚୋରମାନେ କଳାକନା ବୁଲାଇଛନ୍ତି। ଘରେ ସମସ୍ତେ ଶୋଇଥିବା ବେଳେ ଚୋରମାନେ ନଗଦ ୨୦ ଲକ୍ଷ ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ଅଭିଯୋଗ ପାଇ ବାଙ୍ଗିରିପୋଷି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ,ବାଙ୍ଗିରିପୋଷି ଅଞ୍ଚଳରେ ଏବେ ଚୋରି, ଡକାୟତି ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଗତ ୨ ବର୍ଷ ମଧ୍ୟରେ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଚୋରି ହୋଇଥିବା ବେଳେ ଛୋଟ ଛୋଟ ଚୋରି ଘଟଣା ପ୍ରାୟତଃ ଘଟୁଛି। ଅପରାଧିଙ୍କୁ ଠାବ କରିବାରେ ପୋଲିସର ବିଫଳତା ଯୋଗୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପକ୍ଷେ ରାତ୍ରି ପାଟ୍ରୋଲିଂ ପୂର୍ବପରି ହେଉ ନ ଥିବା ଅଭିଯୋଗ ହେବା ସହ ନିଶାଶକ୍ତ ମାନଙ୍କର ପ୍ରାଦୁର୍ଭାବ ବଢିବା ଯୋଗୁ ବାରମ୍ବାର ଚୋରି ଘଟଣା ଘଟୁଥିବା ନଜରକୁ ଆସୁଛି। ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ମୋରଡ଼ା,୧୦।୧୦(ସ୍ମାରକ ମାଜୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ବାରିପଦା ଗସ୍ତରେ ଆସିଥିବା ବେଳେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ସାମ୍ବାଦିକ ସଂଘ ତରଫରୁ ତାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ବାରିପଦା ସର୍କିଟ ହାଉସରେ ଥିବା ବେଳେ ସଂଘ ପକ୍ଷରୁ ଉକ୍ତ ଦାବିପତ୍ର ପ୍ରଦାନ କରାଯାଇଥିଲା। ସାମ୍ବାଦିକମାନଙ୍କ ପାଇଁ ସ୍ୱତନ୍ତ୍ର ଭତ୍ତା ବ୍ୟବସ୍ଥା, ମୋରଡ଼ା ନିର୍ବାଚନ ମଣ୍ଡଳୀର ସର୍ବ ବୃହତ ମୋରଡା ବ୍ଲକକୁ ଏନ୍‌ଏସି ମାନ୍ୟତା, ସବାଇ ଘାସ, ବାଉଁଶ ଭଳି ଅନେକ କଞ୍ଚାମାଲରେ ଭରପୂର ଥିବା ମୋରଡ଼ା ନିର୍ବାଚନ ମଣ୍ଡଳୀରେ ଏକ କାଗଜ କଳ ପ୍ରତିଷ୍ଠା, ବାରମାଇଲସ୍ଥିତ କିଷାନଟାଣ୍ଡି ଓ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ସହିତ ଡାକ୍ତର ପଦବୀ ପୂରଣ, ମୋରଡ଼ା ବ୍ଲକ ଅଧୀନ ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ଚିତ୍ରଡ଼ା ଡାକ୍ତରଖାନାର ଉନ୍ନତୀକରଣ କରାଯାଇ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଏବଂ ରାସଗୋବିନ୍ଦପୁର ଏୟାରଷ୍ଟ୍ରିପକୁ କାର୍ଯ୍ୟକ୍ଷମ କରାଇବା ପାଇଁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହିତ ନଗର ଉନ୍ନୟନ ମନ୍ତ୍ରୀ ତଥା ମୋରଡା ବିଧାୟକ କୃଷ୍ଣଚନ୍ଦ୍ର ମହାପାତ୍ର, ଭାଜପା ଜିଲା ସଭାପତି କାନ୍ଦ୍ରା ସୋରେନ, ସାମ୍ବାଦିକ ସଂଘର ସଭାପତି ରଣଜିତ କୁମାର ସାହୁ, ଉପ ସଭାପତି ରବୀନ୍ଦ୍ର ମହାନ୍ତ, ସମ୍ପାଦକ ବିଶ୍ୱବନ୍ଦନ ବେହେରାଙ୍କ ପ୍ରମୁଖ ଉପସ୍ଥିତ ଥିଲେ।


ମୋରଡ଼ା ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

